## ସୁକିନ୍ଦା ପ୍ରେସ୍ ଫୋରମ୍ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**କାଳିଆପାଣି, ୧୭।୬(ସମିସ):** ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ଓ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ମିଳିଥିବା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତଙ୍କୁ ସୁକିନ୍ଦା ପ୍ରେସ୍ ଫୋରମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରେସ୍ ଫୋରମ ପକ୍ଷରୁ ଶ୍ରୀ ବଳସାମନ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସୁକିନ୍ଦା ପ୍ରେସ୍ ଫୋରମ ସହିତ ଏକ ସୌଜନ୍ୟମୂଳକ ସାକ୍ଷାତକାରରେ ଦୀର୍ଘବର୍ଷ ଧରି ଅଟକି ରହିଥିବା ଟମକା- ମଙ୍ଗଳପୁର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟକୁ ଖୁବଶୀଘ୍ର ତ୍ୱରାନ୍ୱିତ କରାଯିବ ଓ ଖଣି ଖାଦାନରେ କାର୍ଯ୍ୟରତ ଖଣି ଶ୍ରମିକଙ୍କ ଉତ୍ତମ ଭବିଷ୍ୟତ ଓ ସର୍ବାଙ୍ଗୀନ ଉନ୍ନତି ଦିଗରେ ବିଶେଷ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପ୍ରିୟଦର୍ଶିନୀଙ୍କୁ ଛାତ୍ର ଗୌରବ ସମ୍ମାନ




**ଯାଜପୁର, ୧୭।୬ (ସମିସ):** ଏମ୍‌ବିଡି ଗ୍ରୁପ୍ ଅଫ୍ ପବ୍ଲିକେସନ ଓଡ଼ିଶା ଶାଖା ପକ୍ଷରୁ ପୁରୀରେ ଏମ୍‌ବିଡି ଛାତ୍ର ଗୌରବ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ସହରସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଲେଙ୍କା ଯାଜପୁର ଜିଲ୍ଲା ଟପର୍ ହୋଇଥିବାରୁ ଏମ୍‌ବିଡି ଗ୍ରୁପ୍‌ର ସିଇଓ ପ୍ରବୀଣ ସିଂ ତାଙ୍କୁ ଏମ୍‌ବିଡି ଛାତ୍ର ଗୌରବ ସମ୍ମାନ ପ୍ରଦାନ କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଏମ୍‌ବିଡି ଗ୍ରୁପ୍‌ର ସିଇଓ ପ୍ରବୀଣ ସିଂ ଉକ୍ତ ବିଦ୍ୟାଳୟର ଶିକ୍ଷକ ମାୟାଧର ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ପ୍ରିୟଙ୍କାଙ୍କ ମାଆ ସ୍ୱିଗ୍ଧାରାଣୀ ଲେଙ୍କାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଗଛରେ ଲାଗିଥିବା ନିଆଁ ନିଭାଇଲା ଅଗ୍ନିଶମ ବାହିନୀ

**କବାଟବନ୍ଧ, ୧୭।୬ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ଏକ ତେନ୍ତୁଳି ଗଛରେ ନିଆଁ ଲାଗିଯାଇଥିଲା। ଏହି ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରିଛି। ସୂଚନା ମୁତାବକ, ନୂଆଗଡ଼ ଗ୍ରାମକୁ ଏକ ବିବାହ ଶୋଭାଯାତ୍ରା ଯିବା ସମୟରେ ଉକ୍ତ ଗଛ ପାଖାପାଖି ଏକ ଝାଡ଼ ବାଣ ଫୁଟାଯାଇଥିଲା। କୌଣସି କାରଣରୁ ବାଣଟି ଠିକ୍ ଭାବେ ନ ଫୁଟି ବିଭିନ୍ନ ଆଡ଼କୁ ଛିଟିକି ଯାଇ ନିକଟରେ ଥିବା ତେନ୍ତୁଳି ଗଛ ଉପରେ ପଡ଼ିଥିଲା। ଗଛ ମଝି ସ୍ଥାନରେ ଉଇ ଲାଗି ଖୋଲ ହୋଇଯାଇଥିବା କାରଣରୁ ଭିତରେ ଶୁଖିଲା ଅଂଶରେ ନିଆଁ ଲାଗି ଜଳି ଉଠିଥିଲା। ଜଳିବାର କିଛି ସମୟ ପରେ ସେହି ଗଛରୁ ଏକ ଡାଳ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ଚଢ଼େଇଧରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



### ମୌସୁମୀର ଦେଖାନାହିଁ, ଅସହ୍ୟ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ

# ଜଳସେଚନ ସମସ୍ୟା, ଚିନ୍ତାରେ ଚାଷୀ

**କବାଟବନ୍ଧ, ୧୭।୬(ସମିସ)**




ଧର୍ମଶାଳା ବ୍ଲକର ଚାଷୀଙ୍କ ଚିନ୍ତା ବଢ଼ାଇଛି ଜଳସେଚନ ସମସ୍ୟା। ଧାନ ଚାଷ ପାଇଁ ଚାଷୀକୂଳ ତରବର ହେଉଥିଲେ ବି ସାଥ ଦେଉନି ମୌସୁମୀ ବର୍ଷା। ମୌସୁମୀର ଦେଖାନାହିଁ। ଅସହ୍ୟ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ। ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷ କାମ ଆରମ୍ଭ ହୋଇପାରୁନି। ଚାଷୀ ମୁଣ୍ଡରେ ପଡ଼ିଲାଣି ଚଡ଼କ। ଏହି ବ୍ଲକର ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ଅଞ୍ଜିରା, ଚକ୍ରଧରପୁର, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଳବା, ବୃନ୍ଦାଦେଇପୁର, ଜେନାପୁର ସମେତ ବିଭିନ୍ନ ପଞ୍ଚାୟତରେ ବର୍ଷା ଅଭାବଜନିତ କାରଣରୁ ବିଳମ୍ବ ହେଲାଣି ଧାନ ଚାଷ। ଧାନ ଚାଷ ଏକ ଲାଭଦାୟକ ଫସଲ ହୋଇଥିବାରୁ ଭଲ ଦି ପଇସା ପାଇବା ପାଇଁ କେତେ ଆଶା ବାନ୍ଧି ବସିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଅକ୍ଷୟ ତୃତୀୟାରେ ଚାଷୀ ଅନୁକୂଳ କରିଥିଲେ ମଧ୍ୟ ଚାଷ ପାଇଁ ପାଗ ଅନୁକୂଳ ହେଉ ନ ଥିବାରୁ ବୁଣାବୁଣି ଠିକ୍‌ରେ ହୋଇପାରିନାହିଁ। ଚାଷୀଙ୍କ କହିବା ଅନୁଯାୟୀ ରଜ ସଂକ୍ରାନ୍ତି ବେଳକୁ ଧାନ ଗଛ ହୋଇ ବିଦା ଦେବା ପାଇଁ ଉପଯୁକ୍ତ ହୋଇଥାଏ। କିନ୍ତୁ ବର୍ଷା ହେଉ ନ ଥିବାରୁ ଏ ପର୍ଯ୍ୟନ୍ତ ବୁଣାବୁଣି ସରିନାହିଁ। ପାଗ ଅନୁକୂଳ ନ ହେଲେ ଧାନ ଚାଷ କରିବା ଅସମ୍ଭବ। ଜୁନ ପ୍ରଥମ ସପ୍ତାହରେ ମୌସୁମୀ କେରଳ ଛୁଇଁଥିଲେ ହେଁ ସକ୍ରିୟ ହୋଇନାହିଁ। ବର୍ଷା ନ ହେବାରୁ ଚାଷୀ ଧାନ ରୋଇବା ପାଇଁ ମଧ୍ୟ ତଳି ପକାଇ ପାରୁନାହାଁନ୍ତି। ବାକି ରହିଲା ବୋରିଂ ପଏଣ୍ଟ। ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷ ଜମିକୁ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ସରିଛି। କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର କାରଣ ଜାଣିବା ସମ୍ଭବ ହେଉନାହିଁ। ଗୋଟିଏ ଗୋଟିଏ ବୋରିଂ ପଏଣ୍ଟରେ ପାଖାପାଖି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଦୀପ ତଳ ଅନ୍ଧାର ଭଳି ଚାଷୀଙ୍କ ବିଲ ମୁଣ୍ଡରେ ଜଳସେଚନ ପ୍ରକଳ୍ପ। କିନ୍ତୁ ଜମି ପାଣି ପାଉ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଜିରା ପଞ୍ଚାୟତର ଚାଷୀ ରାଜୀବ ରାଉତ ତାଙ୍କ ବିଲରେ ଧାନ ବିହନ ବୁଣୁଥିବା ସମୟରେ ତାଙ୍କୁ ପଚାରିବାରୁ ତାଙ୍କ ଚାଷ ଜମିକୁ ଲାଗି ନାବାର୍ଡ ସହାୟତାରେ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପକୁ ଦେଖାଇ ବିରକ୍ତି ଭାବ ପ୍ରକାଶ କରିଥିଲେ। ତୁରନ୍ତ ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରୀଙ୍କୁ ପଚାରିବାରୁ ୧୦ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉଠାଜଳସେଚନ ବିଭାଗ ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ଦେଇପାରିବେ ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ 'ଚାଳ ଘର' ସାହିତ୍ୟ ସଂସଦ ପକ୍ଷରୁ ଶୁଭେଚ୍ଛା

**ବରୀ, ୧୭।୬(ସମିସ):** ବରୀ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଚାଳଘର' ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ସାହିତ୍ୟ ଅନୁଷ୍ଠାନର ସଭାପତି ବିରଜା ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ସଂସଦର ସଭାପତି ପ୍ରତାପ କୁମାର ଦାସ, ଉପଦେଷ୍ଟା ସଚ୍ଚିକାନ୍ତ ମିଶ୍ର, ଦିଲ୍ଲୀପ କୁମାର ଦାସ ଓ ନିକୁଞ୍ଜ ସାମଲ ପ୍ରମୁଖ ରବିବାର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଞ୍ଚି ସଂସଦର ମୁଖପତ୍ର, ଉପଢ଼ୌକନ ଓ ସ୍ମାରକ ଫଳକ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରିଥିଲେ।



## ବିରିପଟାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ




**କୟାଁଗୋଲା, ୧୭।୬(ସମିସ):** ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳର ପୂର୍ବତନ ସାଂସଦ ପ୍ରଫେସର ଡଃ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଆୟୋଜିତ ଏହି ଦିବସ ଅବସରରେ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳନ କରାଯାଇଥିଲା। ପୂର୍ବତନ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଜସେବୀ ବିଜୟ କୁମାର ଧଳ, ସ୍ଥାନୀୟ ସରପଞ୍ଚ ଗାୟତ୍ରୀ ନାୟକ, ବରିଷ୍ଠ ଶିକ୍ଷାବିତ ପୀତବାସ ସାମଲ, କବି ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଫେସର ଡଃ. ଅଚ୍ୟୁତ ସାମନ୍ତଙ୍କ ଏହି ପ୍ରୟାସକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ଏ ଅବସରରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଶିକ୍ଷାବିତ ଯୋଗଦାନ କରିଥିଲେ। କିଟ୍ ଓ କିସ ପକ୍ଷରୁ ସବ୍ୟସାଚୀ ଧଳ, ଅବିନାଶ ରାଉତ, ଦେବାଶିଷ ଧଳ, ତପନ ଧଳ, କୈଳାସ ସାହୁ, ସଙ୍କଟମୋଚନ ସାମଲ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶ୍ରୀରାମ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହାସପୁର ରଜ ମହୋତ୍ସବ ଉଦ୍‌ଯାପିତ



**ଯାଜପୁର, ୧୭।୬(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ସାହାସପୁରଠାରେ ପହିଲି ରଜଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲିଥିବା ରଜ ମହୋତ୍ସବ ଶେଷ ରଜ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ପ୍ରକାଶ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସାହାସପୁର ମଠ ମଠାଧୀଶ ଭୋଳାନାଥ ଦାଶ ଯୋଗଦେଇ ଓଡ଼ିଶାରେ ଲୋପ ପାଇଯାଉଥିବା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଯାଇ ସାହାସପୁର ଗ୍ରାମର ଉତ୍ସାହୀ ଯୁବକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ରଜ ପର୍ବ ଓଡ଼ିଶାର ଗଣପର୍ବ ଭାବେ ପାଳିତ ହେଉଥିବାବେଳେ ଏହା କୃଷିଭିତ୍ତିକ ପର୍ବ ଭାବେ ମଧ୍ୟ ପାଳିତ ହେଉଛି। ସାହାସପୁରଠାରେ ରଜ ଉପଲକ୍ଷେ ବିଭିନ୍ନ ପ୍ରକାରର ସୁସଜ୍ଜିତ ଦୋଳି ସାଙ୍ଗକୁ ଭିନ୍ନ ଭିନ୍ନ ପ୍ରକାରର ଖେଳ ପୁଚି, ଦଉଡ଼ି ଡ଼ିଆଁ, ଅଳତା ଲଗା, ମେହେନ୍ଦି ଲଗାଇବା, ଲିମନ୍ ରେସ, ଜିଲାପି ରେସ, ରଜ ପାନ ଭାଙ୍ଗିବା ଆଦି ପ୍ରତିଯୋଗିତାରେ କୁନି କୁନି ଝିଅ, ଯୁବତୀ ଓ ମାଆମାନେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳରେ ଚାମ୍ପିଅନ ହୋଇଥିବା ସ୍ୱପ୍ନା ସାହାଣୀଙ୍କୁ ସ୍ୱତନ୍ତ୍ର ଭାବେ ଏକ ଟ୍ରଫି ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବିଶ୍ୱଭୂଷଣ ଜେନା, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପାଢ଼ୀ, ବିଭୂତି ଭୂଷଣ ଖଣ୍ଡାୟୀ ଓ କଣ୍ଠଶିଳ୍ପୀ ଉପେନ୍ଦ୍ର ପାଢ଼ୀଙ୍କୁ ରଜ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ବର୍ଷ ସାହାସପୁର ରଜ ମହୋତ୍ସବକୁ ଅଧିକ ଆକର୍ଷିତ କରି ପାଳନ କରିବାକୁ କମିଟିର ସଦସ୍ୟ ନଳିନୀ କୁମାର ରାଉତ, ଶିବବ୍ରତ ଜେନା, ସୁଧୀର କୁମାର ରାଉତ, ମାନସ ରଞ୍ଜନ ରାଉତ, ବିଭୁରଞ୍ଜନ ରାଉତ, ବିଶ୍ୱରଞ୍ଜନ ରାଉତ, ଦିନେଶ ରାଉତ, ପିଣ୍ଟୁ ରାଉତ, କୁଳମଣି ଦାଶ ପ୍ରମୁଖ ପ୍ରକାଶ କରିଥିଲେ।

## ଉଦୀୟମାନ ପକ୍ଷରୁ ରଜ ମହୋତ୍ସବ

**ବଡ଼ଚଣା, ୧୭।୬(ସମିସ):** ଧାନମଣ୍ଡଳସ୍ଥ ମେଳଣ ପଡ଼ିଆରେ ଉଦୀୟମାନ ମହିଳା ସଂଗଠନ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମ୍‌କୋ ସିମେଣ୍ଟର ଜିଏମ୍ ସୁରେଶ ସିଂହ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି ଯୋଗ ଦେଇ କହିଲେ, ରଜ ହେଉଛି ଏକ ଭାଇଚାରାର ପର୍ବ। ଧରଣୀ ମାଆଙ୍କୁ ଆଶ୍ୱସ୍ତି ଦେବା ପାଇଁ ଚାଷୀ କୂଳ ସାଧାରଣତଃ ଏହି ରଜ ପର୍ବକୁ ପାଳନ କରିବାର ବିଧି କେଉଁ ଅନାଦି କାଳରୁ ରହିଆସିଛି। ସମ୍ମାନିତ ଅତିଥି ବରିଷ୍ଠ ସିନେ ସମୀକ୍ଷକ ଅଭିନେତା ବାପୁ ଲେଙ୍କା ଯୋଗ ଦେଇ ଆମ ସଂସ୍କୃତିର ବାହାକ ଏହି ରଜପର୍ବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ହାସ୍ୟ ବ୍ୟଙ୍ଗକାର ଲକ୍ଷ୍ମୀଛଡା ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମାଆମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ରଜ ଦୋଳି, ପୋଡ଼ପିଠା, ଖିଲିପାନ, ପୁଚି ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ପୁରସ୍କାର ପାଇଥିବା କଟକର ଗୀତାଞ୍ଜଳି ସାହୁଙ୍କୁ ସୁନା ମଙ୍ଗଳ ସୂତ୍ର, ଦିତୀୟ ପ୍ରତିଯୋଗୀ ମାହାଙ୍ଗାର ତପସ୍ୱିନୀ ସାହୁଙ୍କୁ ସୁନା ମୁଦି, ତୃତୀୟ ପ୍ରତିଯୋଗୀ ଧର୍ମଶାଳା ଭାତୁଡି ପସିରୁ ପଦ୍ମିନୀ ନାୟକଙ୍କୁ ସୁନା ସାଂଖୀ, ଛତିଆ ସମସରପୁରର ସସ୍ମିତା ମହାପାତ୍ରଙ୍କୁ ସୁନା କାନଫୁଲ, ଖୋର୍ଦ୍ଧା ନୟାଗଡ଼ରୁ ବିଦୁଲତା ସ୍ୱାଇଁଙ୍କୁ ରୂପା ପାଉଁଜୀ, ପୁରୀ ପିପିଲିର ପ୍ରଣତୀ ପାଇକରାଏଙ୍କୁ ରୂପା ଆର୍ମଲେଟ୍ ସମେତ ୧୫ ଜଣ ମହିଳାଙ୍କୁ ସ୍ୱୟଂସୁଦ୍ଧା ସମ୍ମାନ ଭାବେ ପ୍ରେସର କୁକର ଉପହାର ସହିତ ମାନପତ୍ର, ଟ୍ରଫି, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାହ୍ନୁଚରଣ ସାହୁ ଅତିଥି ପରିଚୟ, ସଭାପତି ଅବିନାଶ ଜେନା ସ୍ୱାଗତ ଭାଷଣ, ପ୍ରକାଶ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



# ବଣମଲ୍ଲୀ ମହୋତ୍ସବ ଉଦ୍‌ଯାପିତ



**କବାଟବନ୍ଧ, ୧୭।୬ (ସମିସ)**

ଧର୍ମଶାଳା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ଦଶମ ବାର୍ଷିକ ବଣମଲ୍ଲୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରବିବାର ଶେଷ ରଜ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଯୁବ ସାମ୍ବାଦିକା ତଥା କବି ରଶ୍ମିତା ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ ଲୋକପ୍ରିୟ ବ୍ୟଙ୍ଗକବି ଡଃ କୁଳାଙ୍ଗାର, ସମ୍ମାନିତ ବକ୍ତା ଭାବେ ରୋଟାରିଆନ ଡାକ୍ତର ନିହାର ରଞ୍ଜନ କର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ସମାଜସେବୀ ପଦ୍ମନାଭ ଶତପଥୀ, ପ୍ରମୋଦ କୁମାର ଶତପଥୀ, ସରୋଜକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ବଣମଲ୍ଲୀ ବଣରେ ଫୁଟି ବଣରେ ଝଡ଼ି ନ ଯାଇ ସାରା ଦୁନିଆକୁ ମହକି ଯାଉ, ସେଥିପାଇଁ ବଣମଲ୍ଲୀ ସବୁବେଳେ ଚେଷ୍ଟା ଜାରି ରଖିଛି ବୋଲି ଅତିଥିମାନେ ମତ ରଖିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ କୃତିତ୍ୱ ହାସଲ କରିଥିବା ନାଟ୍ୟକାର ସୁକାନ୍ତ ଦାଶ, ଗୀତିକାର ଗୁରୁ ଶତପଥୀ, ସମାଜସେବୀ ଧନଞ୍ଜୟ ଶତପଥୀ, ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା, ପରମାନନ୍ଦ ସାହୁ, ବସନ୍ତ ନାୟକ, ଅଧ୍ୟାପକ ଡଃ ଜୟଦେବ ଶତପଥୀ, ଡକ୍ଟରେଟପ୍ରାପ୍ତ ଅଧ୍ୟାପିକା ଡଃ ଜ୍ୟୋତିର୍ମୟୀ ସାହୁ, ଡକ୍ଟର ରଶ୍ମୀରେଖା ମଲିକ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ଯୁବ ଉଦ୍ୟୋଗୀ ପ୍ରୀତିଶ ଶତପଥୀ, ବ୍ଲକ ମାଟ୍ରିକ ଟପ୍ପର ପ୍ରଗତୀ ବି ମଣ୍ଡଳ ପ୍ରମୁଖ ୧୨ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ମହକ'ର ସପ୍ତମ ସଂସ୍କରଣକୁ ଉନ୍ମୋଚନ କରାଯାଇଥିଲା। ଶେଷରେ ସ୍ଥାନୀୟ କୁନି କୁନି ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟଦେବ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଉପଦେଷ୍ଟା, କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ।

## ରଜ ମହୋତ୍ସବ ଉଦ୍‌ଯାପିତ



**ମଇଁନ୍ଦା, ୧୭।୬(ସମିସ):** ବିଂଝାରପୁର ଥାନା ଅଧୀନ ସାନସୁଆର ପଞ୍ଚାୟତର କରିମାବାଦ ମହାବୀର ଯୁବକ ସଂଘ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୈରୀଗଞ୍ଜନ ଗଡ଼ନାୟକ ଯୋଗ ଦେଇଥିଲେ। କମିଟିର ସଭାପତି ଭରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଗମାନନ୍ଦ ସାହୁ, ନବକିଶୋର ସାହୁ, ବିଶ୍ୱ ମୋହିନୀ ରାଉତରାୟ, ସଂଯୁକ୍ତା ବେହେରା, ଦିବ୍ୟଜ୍ୟୋତି ପଣ୍ଡା, ମନୀଷା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜୁନିୟର ବାଳିକା ବିଭାଗର ମ୍ୟୁଜିକ୍‌ଚେୟାର ପ୍ରତିଯୋଗିତାରେ ବିଦ୍ୟାଲିପସା ବାରିକ, ଶୁଭଲକ୍ଷ୍ମୀ ସାହୁ, ବିଦ୍ୟାଶ୍ରୀ ସାମଲ, ସିନିୟର୍ ବାଳିକା ବିଭାଗରେ ବର୍ଷାରାଣୀ ସାମଲ, ପ୍ରୀତିକା ପ୍ରିୟଦର୍ଶିନୀ ଧଳ, ଅନୀମା ପଲେଇ, ପୁଚି ପ୍ରତିଯୋଗିତାରେ ଶୁଭଲକ୍ଷ୍ମୀ ସାହୁ, ଶୁଭଲକ୍ଷ୍ମୀ ଜେନା, ଅଙ୍କିତା ସ୍ୱାଇଁ, କବାଡି ବାଳକ ଜୁନିୟର ପ୍ରତିଯୋଗିତାରେ ମହାବୀର ଯୁବକ ସଂଘ ପ୍ରଥମ ହୋଇଥିଲେ। ନୃତ୍ୟ ପ୍ରତିଯୋଗିତା ଜୁନିଅର ବିଭାଗରେ ରାଜ ପ୍ରକାଶ ସ୍ୱାଇଁ, ଶ୍ରୀଲକ୍ଷ୍ମୀ ଦାସ, ବିଦ୍ୟାଲିପ୍ସା ବାରିକ ଓ ସିନିୟର୍ ବିଭାଗରେ ଏଲିନା ପ୍ରିୟଦର୍ଶିନୀ ସାହୁ, ଜିଜ୍ଞାସା ବାରିକ, ମୋନାଲିସା ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବୀର ଯୁବକ ସଂଘର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ମଧୁପୁର ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ପାଳିଲେ ରଜ

**ଦଶରଥପୁର, ୧୭।୬ (ସମିସ):** ଗଣପର୍ବ ରଜ ଉପଲକ୍ଷେ ଉତ୍ସବ ମୁଖର ସାରା ଦଶରଥପୁର ଅଞ୍ଚଳ। ଗାଁ ଗହଳିରେ ରଜ ପର୍ବକୁ ସମସ୍ତେ ବେଶ୍ ଧୁମଧାମରେ ପାଳନ କରିଥିବାବେଳେ କନିକାପଡ଼ା ପଞ୍ଚାୟତର ମଧୁପୁରସ୍ଥ ମଧୁପୁର ସରକାରୀ ମଧ୍ୟୋଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ନିଆରା ଢ଼ଙ୍ଗରେ ଶେଷ ରଜକୁ ପାଳନ କରିଛନ୍ତି। ଏ ଉପଲକ୍ଷେ ବ୍ୟାଚର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରିଥିଲେ। ପୁରାତନ ଛାତ୍ର ସଞ୍ଜୟ କୁମାର ପୃଷ୍ଟି, କୈଳାସ ଚନ୍ଦ୍ର ସାହୁ, ସରୋଜ ପୃଷ୍ଟି, ସଞ୍ଜୟ କୁମାର ସାହୁ, ତପନ ଜେନା, ନରେଶ ପୃଷ୍ଟି, ପ୍ରସନଜିତ୍ ସାମଲ, ଆଲୋକ ସାମଲ, ଅରକ୍ଷିତ ଜେନା, ଅଟଳ ମହାପାତ୍ର, ମନୋରଞ୍ଜନ ବାଇ, ପ୍ରମୋଦ ପୁହାଣ, ଅଶୋକ ଭଞ୍ଜ ଓ ଛାତ୍ରୀ ଇତିଶ୍ରୀ ମହାପାତ୍ର, ଶଶୀକଳା ମହାରାଜ, ବିଦ୍ୟୁଲତା ପୃଷ୍ଟି, ସନ୍ଧ୍ୟାରାଣୀ ଦାସ, ପ୍ରମିଳା ବାଇ, ରଞ୍ଜିତା ଦାସ, ଜୟନ୍ତୀ ସାହୁ ଓ ଲିଳିରାଣୀ ବେହେରାଙ୍କ ସଞ୍ଚାଳନରେ ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କୁ ଶିକ୍ଷାଦାନ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଫୁଲ, ଚନ୍ଦନ, ଧୂପ, ଦୀପରେ ବନ୍ଦାଇ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ କାମନା କରିଥିଲେ। ଏ ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟର ଆନୁଷଙ୍ଗିକ ଉନ୍ନତିରେ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଦଶରଥପୁରରେ ମୁଗ ଚାଷରେ ଦୁର୍ନୀତି

# ପ୍ରସ୍ତୁତ ହେଉଛି ଜାଲ୍ କାଗଜପତ୍ର; ତଦନ୍ତ ଦାବି

**ଦଶରଥପୁର, ୧୭।୬(ସମିସ)**

ଦଶରଥପୁର ବ୍ଲକ କୃଷି କାର୍ଯ୍ୟାଳୟରେ ମୁଗ ଚାଷ ନାଁରେ ଚଳିତ ବର୍ଷ ଦୁର୍ନୀତି ହୋଇଥିବା ଚାଷୀ ମହଲରେ ଅଭିଯୋଗ ହୋଇଥିଲା। ବ୍ଲକ କୃଷି କାର୍ଯ୍ୟାଳୟ ଦ୍ୱାରା ଚୟନ ହୋଇଥିବା ପଞ୍ଚାୟତ ମଧ୍ୟରୁ ହାତଗଣତି ୨ରୁ ୩ଟି ପଞ୍ଚାୟତରେ ମାତ୍ର ୩୦ରୁ ୪୦ ହେକ୍ଟର ଚାଷ ଜମିରେ ମୁଗ ଚାଷ କରାଯାଇଥିଲା। ତେବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୬୦୦ ହେକ୍ଟର ଚାଷ ଜମିରେ ମୁଗଚାଷ ହୋଇଥିବା ବ୍ଲକ କୃଷି କାର୍ଯ୍ୟାଳୟ ମୁଗ ଚାଷ ଦାୟିତ୍ୱରେ ଥିବା ଏନ୍‌ଜିଓ ସହିତ ମିଶି ଜାଲ୍ ରିପୋର୍ଟ ପ୍ରସ୍ତୁତ କରିଥିବା ବିଭିନ୍ନ ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଥିଲେ। ଏ ଅଭିଯୋଗକୁ ଭିତ୍ତି କରି ଜିଲ୍ଲା କୃଷି ଅଧିକାରୀ ଉଦିତ ତ୍ରିପାଠୀ ଓ ଏଡିଓ ସୁରେନ୍ଦ୍ର ସ୍ୱାଇଁ ନାମକୁ ମାତ୍ର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଚାଷୀଙ୍କ ପକ୍ଷରୁ ଦର୍ଶାଯାଇଥିବା ପଞ୍ଚାୟତରେ ତଦନ୍ତ କରିବାକୁ ନିବେଦନ କରାଯାଇଥିଲେ ମଧ୍ୟ ଉଭୟ ଅଧିକାରୀ ତାହା କରି ନ ଥିଲେ।

ସେହିପରି ମୁଗ ଚାଷରେ ସମ୍ପୃକ୍ତ ଥିବା ବ୍ଲକର ୪ ଜଣ କୃଷି କର୍ମଚାରୀ ମୁଗ ଚାଷ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରି ଜାଲ୍ ଦସ୍ତାବିଜ୍‌ରେ ସହମତି ନ ଦେବାକୁ ଅଡ଼ି ବସିବା ପରେ ସମ୍ପୃକ୍ତ ଏନ୍‌ଜିଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ବିଭିନ୍ନ ମାଧ୍ୟମରେ ନିଜର ସହମତି ଦେବାକୁ ଚାପ ପ୍ରୟୋଗ କରିଥିଲା। ତେବେ ସମ୍ପୃକ୍ତ ୪ ଗ୍ରାମ୍ୟ କୃଷି କର୍ମଚାରୀ ଏନ୍‌ଜିଓ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଜାଲ୍ ଦସ୍ତାବିଜରେ ସହମତି ଦେବାକୁ ରୋକ୍‌ଠୋକ୍ ମନା କରିବା ପରେ ଏନ୍‌ଜିଓ କର୍ତ୍ତୃପକ୍ଷଙ୍କ ଅକଲ୍ ଗୁଡୁମ୍ ହୋଇଯାଇଥିଲା। ଏହାପରେ ସାଧାରଣ ନିର୍ବାଚନ ପାଇଁ ସବୁକିଛି ଅଟକି ରହିଥିବାବେଳେ ନୂଆ ସରକାର ଗଠନ ପରେ ମୁଗ ଚାଷରେ ହୋଇଥିବା ଜାଲିଆତିର ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ବିଲ୍ କରାଇନେବାକୁ ଜୋରଦାର ଉଦ୍ୟମ ଚାଲିଥିବା ବିଶେଷ ସୂତ୍ରରୁ କିଛି ଚାଷୀ ଜାଣିବା ପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି।

## ଦାମ୍ପତ୍ୟ କଳିରେ ଗ୍ରାମବାସୀଙ୍କ ହସ୍ତକ୍ଷେପ

# ଗାଁ ଛାଡ଼ିବାକୁ ନିର୍ଦ୍ଦେଶ ପ୍ରତିବାଦରେ ମହିଳା ଥାନାର ଦ୍ୱାରସ୍ଥ

**ବିଞ୍ଝାରପୁର, ୧୭।୬(ସମିସ):** ଦାମ୍ପତ୍ୟ କଳିରେ କଂଗାରୁ କୋର୍ଟ ହସ୍ତକ୍ଷେପ କରି ମହିଳାଙ୍କୁ ଗାଁ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯିବା ଓ ଏହାର ପ୍ରତିବାଦରେ ମହିଳା ଜଣକ ଥାନାର ଦ୍ୱାରସ୍ଥ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅଳକୁଣ୍ଡ ଥାନା ଆଉଁରୀ ପଞ୍ଚାୟତର ସୁନାପାଳ ଗାଁରେ ଦାମ୍ପତ୍ୟ କଳିରେ ସ୍ୱାମୀଙ୍କ ମୁଣ୍ଡ ଫାଟିବା ପରେ ସ୍ଥାନୀୟ ଅଞ୍ଚଳବାସୀ ବାହାରି ସମସ୍ୟାର ସମାଧାନ କରିଥିଲେ। ଯାହା ଏବେ ବିବାଦର ରୂପ ନେଇଛି। ଗ୍ରାମର ବୈଲୋଚନ ଦାସ ଓ ତାଙ୍କର ସ୍ତ୍ରୀ ବିଦ୍ୟୁଲତା ଦାସଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ଓ ମାଡ଼ଗୋଳ ହେଉଥିଲା। ବୈଲୋଚନ ମଦପାନ କରନ୍ତି। ଏହାକୁ ବିରୋଧ କରିବା କାରଣରୁ ବିଭିନ୍ନ ସମୟରେ ବିଦ୍ୟୁଲତା ସ୍ୱାମୀଙ୍କଠାରୁ ମାଡ଼ ଖାଇ ଆସୁଥିଲେ। ଗତ କିଛିଦିନ ତଳେ ଏଭଳି ଘଟଣା ଘଟିଥିଲା। ବୈଲୋଚନଙ୍କଠାରୁ ମାଡ ଖାଇ ବିଦ୍ୟୁତଲତା ଅଳକୁଣ୍ଡ ଥାନାରେ ଅଭିଯୋଗ କରିବା ଘଟଣାରେ ସେମାନଙ୍କ ଗ୍ରାମର କିଛି ଭଦ୍ରଲୋକ ହସ୍ତକ୍ଷେପ କରି ସମାଧାନ କରିଥିଲେ। ଏହାର ଦୁଇଦିନ ନ ପୁରୁଣୁ ବୈଲୋଚନ ପୁଣି ମଦ୍ୟପାନ କରି ଘରକୁ ଆସିଥିଲେ ଓ ସ୍ତ୍ରୀ ବିଦ୍ୟୁଲତାକୁ ମାରିବାକୁ ଦୌଡ଼ିଥିଲା। ବିଦ୍ୟୁଲତା ପଡ଼ିଶା ତଥା ଗ୍ରାମର ଭଦ୍ରଲୋକଙ୍କ ନିକଟକୁ ଯାଇ ସହାୟତା ଭିକ୍ଷା କରିଥିଲା। ମାତ୍ର ଗ୍ରାମବାସୀ ଏହି ଘଟଣାରେ ମୁଣ୍ଡ ପୂରାଇବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ। ଘରକୁ ଫେରିବା ପରେ ଜଗି ବସିଥିବା ମଦ୍ୟପ ସ୍ୱାମୀ ବୈଲୋଚନ କୋଦାଳ ବେଣ୍ଟରେ ସ୍ତ୍ରୀ ବିଦ୍ୟୁଲତାକୁ ଆକ୍ରମଣ କରିବାରୁ ଅନ୍ୟ ଉପାୟ ନପାଇ ବିଦ୍ୟୁଲତା ସ୍ୱାମୀଠାରୁ ରକ୍ଷା ପାଇବା ପାଇଁ ସେ ଧରିଥିବା କୋଦାଳ ବେଣ୍ଟକୁ ଅଟକାଇବାକୁ ଚେଷ୍ଟା କରିଥିବା ଭିଡା ଓଟରା ମଧ୍ୟରେ ସେହି କୋଦାଳ ବେଣ୍ଟର ଅଗ୍ରଭାଗ ମୁନିଆ ହୋଇଥିବାରୁ ଏହା ବୈଲୋଚନର ମୁଣ୍ଡରେ ଫୁଟିଯାଇ ଗଭୀର କ୍ଷତ ସୃଷ୍ଟି କରିଥିଲା। ଏହାପରେ ବିଦ୍ୟୁଲତା ସ୍ୱାମୀକୁ ଡାକ୍ତରଖାନା ନେଇ ଚାଲିଯାଇଥିଲେ। ଡାକ୍ତରଖାନାରୁ ଗାଁକୁ ଫେରିବା ପରେ ଗ୍ରାମବାସୀ ଏକତ୍ର ହୋଇ କଙ୍ଗାରୁ କୋର୍ଟ ବସାଇଥିଲେ। ସ୍ୱାମୀଙ୍କୁ ମାଡ଼ ମାରିବା ଘଟଣା ଗ୍ରାମ ପାଇଁ ଲଜ୍ଜାଜନକ ହୋଇଥିବାରୁ ଏହି ଗ୍ରାମରେ ତୁମର ରହିବାର ଅଧିକାର ନାହିଁ ବୋଲି କୁହାଯାଇଥିଲା। ତୁରନ୍ତ ଗାଁରୁ ବାହାରି ଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦରେ ବିଦ୍ୟୁଲତା ଅଳକୁଣ୍ଡ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ଦାସ ଅଭିଯୋଗ ଗ୍ରହଣ କରିଥିବାବେଳେ ଘଟଣାକୁ ଚାପି ଦେବାକୁ କେତେକ ଉଦ୍ୟମ କରୁଥିବା ଜଣାପଡ଼ିଛି।

# ୧୧ଦିନିଆ ହିନ୍ଦୀ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଯାଜପୁର, ୧୭।୬(ସମିସ):** କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱର ଶାଖା ପ୍ରାୟୋଜିତ ଓ ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶା ବିରଜା କେନ୍ଦ୍ର ଯାଜପୁର ଦ୍ୱାରା ପରିଚାଳିତ ୧୧ଦିନିଆ ହିନ୍ଦୀ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୮୦ ଜଣ ପ୍ରଶିକ୍ଷଣାର୍ଥୀ ହିନ୍ଦୀ ଭାଷା ଶିକ୍ଷା ଗ୍ରହଣ କରିଥିଲେ। ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାସ, ହାଇଦ୍ରାବାଦର ପ୍ରଫେସର ଡ. ଚନ୍ଦ୍ର ପ୍ରକାଶ ସିଂ, ଆଞ୍ଚଳିକ ଶିକ୍ଷା କେନ୍ଦ୍ର ଅଧ୍ୟାପିକା ଡ. ପଙ୍କଜ କୁମାର ମିଶ୍ର ଓ କଟକ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଜିତ ପ୍ରସାଦ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ। ଗରିଆପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ସହାୟତା ତଥା ହିନ୍ଦୀ ଶିକ୍ଷା ସଂସ୍ଥାନର ସମ୍ପାଦକ ରବି ଶତପଥୀ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ସାହୁ, ଉପସଭାପତି ବେଣୁଧର ମହାରଣା, ସଂସ୍ଥାନର ପରୀକ୍ଷା ସଂଯୋଜକ ଜହିରୁଦ୍ଦିନ ଖାଁ, ପରୀକ୍ଷା ପରିଚାଳକ ନୂତନ କୁମାର ଦାସ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଶାରଦା ମହାପାତ୍ରଙ୍କ ସହ ସୌଭାଗ୍ୟ ନାୟକ, ବିନୋଦ ବିହାରୀ ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ପ୍ରଶିକ୍ଷଣାର୍ଥୀ ସସ୍ମିତା ରାଉତ, ହରିଶ୍ଚନ୍ଦ୍ର ସାହୁ, ମମତା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କୁ ସ୍ୱତନ୍ତ୍ର ଭାବେ ସଂସ୍ଥାନ ଦ୍ୱାରା ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମକୀ କାରଖାନା ଶ୍ରମିକଙ୍କ ମୃତ୍ୟୁ; କ୍ଷତିପୂରଣ ଦାବି

**ସୁକିନ୍ଦା, ୧୭।୬(ସମିସ):** ସ୍ଥାନୀୟ ରାମକୀ କାରଖାନାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ସୁକିନ୍ଦା ଥାନା ଅନ୍ତର୍ଗତ ଭାଲୁକୀ ଗ୍ରାମର ନିଶାକର ମହାନ୍ତଙ୍କ ପୁଅ କୁମାର ମହାନ୍ତ(୨୨) ରାମକୀ ବର୍ଜ୍ୟବସ୍ତୁ ପରିଚାଳନା କାରଖାନାରେ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ଗତ ଗୁରୁବାର ପ୍ରକଳ୍ପ ପରିସରରେ ସେ ଡ୍ୟୁଟି କରୁଥିବା ସମୟରେ ଦୁର୍ଘଟଣା ଘଟି ଗୁରୁତର ଆହତ ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଠିକାସଂସ୍ଥା ପକ୍ଷରୁ କୁମାରଙ୍କ ଆବଶ୍ୟକୀୟ ଚିକିତ୍ସା ନ କରି ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ରବିବାର କୁମାରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କୁମାରଙ୍କ ମୃତଦେହ ରାମକୀ କାରଖାନା ସମ୍ମୁଖରେ ରଖି ଧାରଣାରେ ବସିଥିଲେ ପରିବାର। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ସମ୍ପୃକ୍ତ ଠିକାସଂସ୍ଥାର ପରିଚାଳକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିବାର ଧାରଣାରୁ ଓହରିଥିଲେ।

# ବିରଜା କୃପା ସାହିତ୍ୟ ପରିବାର ପକ୍ଷରୁ ରଜ ଉତ୍ସବ




**ଯାଜପୁର, ୧୭।୬(ସମିସ):** ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବିରଜା କୃପା ସାହିତ୍ୟ ପରିବାର ଆନୁକୂଲ୍ୟରେ ରଜ ଉତ୍ସବ ସ୍ଥାନୀୟ ବିଚିତ୍ରପୁର ପଞ୍ଚାୟତର ବାଣପୁର ନିକଟସ୍ଥ ମା'ବୁଢ଼ୀ କଣ୍ଟେଇ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀମତୀ ବିଦ୍ୟୁତପ୍ରଭା ମିଶ୍ରଙ୍କ ଆହ୍ୱାନ କ୍ରମେ ସମ୍ପାଦକ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାର ଆୟୋଜନ କରଥିଲେ। ସଂଗଠନ ସମ୍ପାଦକ ପ୍ରମୋଦ କୁମାର ନାୟକ ସଭା ପରିଚାଳନା କରିଥିଲେ। ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ମୁଖ୍ୟଅତିଥି ରୂପେ ସାହିତ୍ୟିକ ଉମାକାନ୍ତ ଧଳ, ମୁଖ୍ୟବକ୍ତା ଚିନ୍ମୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ଗାଳ୍ପିକ ଡଃ ବାସୁଦେବ ମିଶ୍ର ଯୋଗ ଦେଇ ରଜ ଉତ୍ସବ ପାଳନର ତାତ୍ପର୍ଯ୍ୟ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ। ଏଥିସହିତ ଆମ ଉତ୍କଳୀୟ ପରମ୍ପରାରେ ରଜ ଉତ୍ସବର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଏ ଅବସରରେ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହସମ୍ପାଦିକା ଅନୁପମା ରଣାଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ପରେ ସ୍ନେହଲତା ବିଶ୍ୱାଳଙ୍କ ନେତୃତ୍ୱରେ ରଜ ପାନ ଭଙ୍ଗା ପ୍ରତିଯୋଗିତା କରାଯାଇଥିଲା। ଏଥିସହିତ ଶ୍ରୀମତୀ ରଞ୍ଜିତା ଦାଶଙ୍କ ଦ୍ୱାରା ପୋଡପିଠା ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଗାୟତ୍ରୀ ଦାଶ, ଶ୍ୱେତାଲୀନ ପରିଡ଼ା, ଭରତବନ୍ଧୁ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ସୌଦାଗର ବିଶ୍ୱାଳ, ଜିତେନ୍ଦ୍ର ଜେନା ସହଯୋଗ କରିଥିଲେ। ଶେଷରେ ରଜ ଉପଲକ୍ଷେ ରଜ କବିତା ଆସର ଆରମ୍ଭ କରାଯାଇଥିଲା। ଉକ୍ତ ଆସରକୁ ସଂଯୋଜନା କରିଥିଲେ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ନାୟକ। ବରିଷ୍ଠ କବି ସୁଧାଂଶୁ କୁମାର ମହାପାତ୍ର, ଧୀରେନ୍ଦ୍ର କୁମାର ମଳିକ, ପ୍ରଦୀପ୍ତ କୁମାର ଦାସ, ସୌଦାଗର ବିଶ୍ୱାଳ, ଶିଶିର ଜେନା, ନିରଞ୍ଜନ ପତି, ସୁବାସ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ। ସହସମ୍ପାଦିକା ଅନୁପମା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**କାଳିଆପାଣି, ୧୭।୬(ସମିସ):** ଆଜି କାଳିଆପାଣି ଟାଉନସିପରେ ଏସଆରସିକେ ଏମଏସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ନିର୍ବାଚନ ଫଳାଫଳ ଆସିବା ପରେ କାଳିଆପାଣି ଅଞ୍ଚଳରେ କିଛି ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ନବନିଯୁକ୍ତ ମଜଦୁର ସଂଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତଙ୍କୁ କିଛି ଅସାମାଜିକ ବ୍ୟକ୍ତି ଆକ୍ରମଣ କରି ଲହୁଲୁହାଣ କରିଥିବାର କାଳିଆପାଣି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ୧୨ ଜଣ ଲୋକଙ୍କ ନାମରେ ଏତଲା ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ମାତ୍ର ଜଣେ ଦୁଇଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି। ଏହାର ପ୍ରତିବାଦରେ ମଜଦୁର ସଂଘର ନବନିଯୁକ୍ତ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଜି ଖଣି ଅଞ୍ଚଳରେ ଆଇନଶୃଙ୍ଖଳାକୁ ନେଇ ଉଦବେଗ ପ୍ରକାଶ କରାଯାଇଥିଲା। ଉକ୍ତ ଶ୍ରମିକ ସଂଗଠନ ପକ୍ଷରୁ ପ୍ରଭାତ ପ୍ରଧାନ, ଶ୍ରୀମତୀ ଜେମା ଚାଖି, ଶ୍ରୀମତୀ ଭଗବତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ଦୁଇ ଟାଟା ମ୍ୟାଜିକ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ

**ବିଞ୍ଝାରପୁର, ୧୭।୬ (ସମିସ):** ରବିବାର ବିଳମ୍ବିତ ରାତିରେ ବିଞ୍ଝାରପୁର ଥାନାଠାରୁ ମାତ୍ର ୫ ଶହ ମିଟର ଦୂରରେ ଦୁଇଟି ଟାଟା ମ୍ୟାଜିକ ଗାଡ଼ିକୁ ଦୁର୍ବୃତ୍ତ ପୋଡି ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବିଞ୍ଝାରପୁର ଥାନା ଛକର ସେକ ମୋହି ଓ ସେକ ପପୁଙ୍କ ଦୁଇଟି ଟାଟା ମ୍ୟାଜିକ ରାସ୍ତା କଡ଼ରେ ପାର୍କିଂ ହୋଇଥିଲା। ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲା। ସେକ ମୋହିଙ୍କ ଗାଡି ସମ୍ପୂର୍ଣ୍ଣ ପୋଡି ଯାଇଥିବାବେଳେ ସେକ ପପୁଙ୍କ ଗାଡିଟି ଆଂଶିକ ପୋଡିଯାଇଥିବା ଜଣାପଡ଼ିଛି। ସେକ ମୋହି ସୋମବାର ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି।

# ପତରାଜପୁର ରଜ ମହୋତ୍ସବ ଉଦ୍‌ଯାପିତ




**ବାଲିଚନ୍ଦ୍ରପୁର, ୧୭।୬(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ପତରାଜପୁରରେ ଆମ ପଞ୍ଚାୟତ ୩ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ଯତିନ୍ଦ୍ର କୁମାର ରାଉତ ଯୋଗଦେଇ ରଜ ମଉଜ ହେଉଛି ଭୂମି ଭୂମାର ମିଳନ। ରଜ ହେଉଛି ଜୀବନର ପ୍ରତୀକ। ଭୂମିକୁ ପୂଜା କରିବା ସହିତ ମାଆମାନଙ୍କ ଲାଗି ରଜ ଉତ୍ସବ ମହାର୍ଘ ବନ୍ଧନ ଗଢିତୋଳେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗୀତିକାର ନିରୂପମା ପଣ୍ଡା, ମୁଖ୍ୟବକ୍ତା ଭାବେ ହୋଲି ଜେସସ୍ ସ୍କୁଲର ଅଧ୍ୟକ୍ଷା କାମିନୀ ନାୟକ, ପତରାଜପୁର ସମିତିସଭ୍ୟ ତଥା ରଜ ମହୋତ୍ସବ ସମିତି ଆବାହକ ସମାଜସେବୀ କୁଳମଣି ବାରିକ ଯୋଗ ଦେଇଥିଲେ। ଗୋପାଳ ଚନ୍ଦ୍ର ଓଝା ମଞ୍ଚ ପରିଚାଳନା କରିଥିବାବେଳେ ଶତ୍ରୁଘନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୩ଦିନିଆ ରଜ ମହୋତ୍ସବକୁ ଯୁବ ସଂଗଠକ ରାକେଶ କୁମାର ବାରିକ, ନୀଳକଣ୍ଠ ସାମଲ, ପ୍ରକାଶ ବଳ, ବିଜୟ ବେହେରା, ହେମନ୍ତ ରେଙ୍ଗଲା, ରବୀନ୍ଦ୍ର ସାହୁ, ସେକ୍ ଚାନୋ, ରମେଶ ଚନ୍ଦ୍ର ବାରିକ, କୁନା ଘଡେଇ, ଏସକେ ଖାଲିକ ପ୍ରମୁଖ ପରିଚାଳନା କରିଥିଲେ।

# କଦମପାଳ ରଜ ମହୋତ୍ସବ ଉଦ୍‌ଯାପିତ

**ଯାଜପୁର, ୧୭।୬(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମରେ ନବମ ବାର୍ଷିକ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ମା' ମଙ୍ଗଳା ଷ୍ଟାର କ୍ଲବ ଓ କଦମପାଳ ଗ୍ରାମବାସୀଙ୍କ ସହଯୋଗରେ କଦମପାଳ ହାଇସ୍କୁଲ ପଡ଼ିଆରେ ତିନିଦିନ ଧରି ରଜ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ରାମ ଦୋଳି, ମଇ ଦୋଳି, ଚରିକି ଦୋଳି, ପଟା ଦୋଳି, ବାଉଁଶ ଦୋଳି, ଦୌଡା ଦୋଳି ଇତ୍ୟାଦି ଲାଗିଥିଲା। ଏଥିସହିତ କୁଇଜ, ମ୍ୟୁଜିକ ଚେୟାର, ଝୋଟି ଚିତା, ମେହେନ୍ଦି, କବାଡ଼ି, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଓ ସମ୍ମାନିତ ଅତିଥି ଭାବେ ରଜ ମହୋତ୍ସବର ସଭାପତି ଇଂ ସୂର୍ଯ୍ୟକାନ୍ତ ଜେନା, ଯାତ୍ରା ନିର୍ଦ୍ଦେଶକ ବାଦଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃତି ପତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚନ୍ଦନ ପ୍ରଧାନ, ରଶ୍ମିତା ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ମା' ମଙ୍ଗଳା ଷ୍ଟାର କ୍ଲବର ସଦସ୍ୟ ରାକେଶ ପ୍ରଧାନ, ଚନ୍ଦ୍ରକାନ୍ତ ଜେନା, ତପନ ପ୍ରଧାନ, ରଞ୍ଜନ ଦାସ, ପଙ୍କଜ ସାହୁ, ଅମିତ ଜେନା, ମାନସ ଶ୍ୟାନ୍ତି, ସଞ୍ଜୟ ବେହେରା, ମୋନାଲିସା ପ୍ରଧାନ, ଦୀପାଞ୍ଜଳି ପ୍ରଧାନ, ସୁଶାନ୍ତ ପ୍ରଧାନ, ବାବୁନି ଜେନା, ରାଜାରାମ ପ୍ରଧାନ ଓ ଗ୍ରାମବାସୀ ପରିଚାଳନା କରିଥଲେ।

## ଜନବସତିରେ ଗୋ-ମାଂସ ବିକ୍ରିକୁ ନେଇ ଉତ୍ତେଜନା, ୪ ଅଟକ

**ଦଶରଥପୁର, ୧୭।୬(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ବିରଜାପୁର ପଞ୍ଚାୟତ ବାମଦେବପୁର ଗ୍ରାମର ମାଝିସାହି ସନ୍ନିକଟ ଜନବସିତିରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଛି ବ୍ୟକ୍ତି ଗୋ-ମାଂସ ବିକ୍ରି କରୁଥିବା ଘଟଣାକୁ ନେଇ ଆରଏସ୍‌ଏସ୍ ଓ ବଜରଙ୍ଗ ଦଳ କର୍ମୀଙ୍କ ପକ୍ଷରୁ ଚଢ଼ଉ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଯାଜପୁର ଟାଉନ ଥାନା ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଗୋ-ହତ୍ୟାରେ ସମ୍ପୃକ୍ତ ଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୪ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏ ଘଟଣାକୁ ନେଇ ଦୁଇଟି ଲିଖିତ ଅଭିଯୋଗ କରାଯାଇଥିବାବେଳେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ପୁଲିସ ମୁତୟନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଜୁହା ପାଳିତ







**ଯାଜପୁର ୧୭।୬(ସମିସ)**

ଯାଜପୁର ସହରରେ ମୁସଲମାନ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ପର୍ବ ପବିତ୍ର ଇଦ-ଉଲ୍-ଜୁହା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏ ଅବସରରେ ଯାଜପୁର ସହର ବେଶ ଚଳଚଞ୍ଚଳ ହୋଇଉଠିଥିଲା। ସୋମବାର ସକାଳୁ ଆଖପାଖ ଅଞ୍ଚଳର ମୁସଲିମ ଭାଇମାନେ ସ୍ଥାନୀୟ ସାହି ମସ୍‌ଜିଦରେ ଏକତ୍ରିତ ହୋଇ ମିଳିତ ନମାଜ ପାଠ କରିଥିଲେ। ମୌଲାନା ଅସ୍‌ଗର୍ ରିଜାଉଲ କାଦରୀ ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ଆଜି ସକାଳ ୮.୩୦ ଘଟିକା ସମୟରେ ଯାଜପୁରର ସାହି ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିବାବେଳେ ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହାକୁ ସ୍ଥାନୀୟ ମୁସଲମାନ ସାହିର ସେକ୍ ଅବଦୁଲ ସାଜିଦ (ଚାନ୍ଦ), ସେକ୍ ହାଇଦର, ସେକ୍ ମୁର୍ତ୍ତଜା, ସେକ୍ ସାହାଜୁଦ୍ଦିନ, ସେକ୍ ସାହାବୁଦ୍ଦିନ, ସେକ୍ ମେରାଜ, ସେକ୍ ରମଜାନୀ, ସେକ୍ ଅମଜଦ, ଗୁଫରାନ୍ ଖାଁ, ଅନୱର ଖାଁ, ମଞ୍ଜୁର ଖାଁ, ଆଲାଉଦ୍ଦିନ ଖାଁ, ତମିଜୁଦ୍ଦିନ ଖାଁ, ଦିଲବର ଖାଁ, ଜାହିଦ ଖାଁ, ସାଜିଦ ଖାଁ, ଅମଜଦ ଖାଁ, ଆୱେସ ଖାଁ, ଆଦନାନ ଖାଁ, ଅବଦୁଲ ସଲିମ ଖାଁ, ଅବଦୁଲ୍ ଆଲିମ ଖାଁ, ଅରବାଜ ଖାଁ, ତମିଜୁଦ୍ଦିନ ଖାଁ, ଅଜିମୁଦ୍ଦିନ ଖାଁ, ମୁସଲିମ୍ ଖାଁ, କରିମ ଖାଁ, ସବିର ଖାଁ, ସୋହେଲ ଖାଁ, ଅଜମତ ଖାଁ, ଦିଲବର ଖାଁ ପ୍ରମୁଖ ସାମିଲ ଥିଲେ।

**ବିଞ୍ଝାରପୁର:** ଆଜି ସାରା ବିଶ୍ୱରେ ଇଦ୍-ଉଲ-ଜୁହା ପର୍ବ ପାଳନ କରାଯାଇଛି। ଏ ଅବସରରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳର ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ବିଭିନ୍ନ ଇଦଗାହ ଓ ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଛି। ବିଞ୍ଝାରପୁର ବ୍ଲକର ବିଞ୍ଝାରପୁର, ସୟିଦପୁର, ଅଳକୁଣ୍ଡ, ଶାସନ୍ଦା, କଏଣା, ନୂଆଗାଁ, ନଥିପୁର ସମେତ ବିଭିନ୍ନ ବସ୍ତିରେ ବସବାସ କରୁଥିବା ଇସଲାମ ଧର୍ମାଲମ୍ବୀ ଇଦ-ଉଜ-ଜୁହା ପର୍ବ ପାଳନ କରିଛନ୍ତି। ବିଞ୍ଝାରପୁର ଓ ସୟଦପୁର ପଞ୍ଚାୟତର ମୁସଲମାନ ଶ୍ରଦ୍ଧାଳୁ ପୁରୁଣା ଇଦଗାହା ଓ ନୂଆ ଇଦଗାହାରେ ମୁଫତି ଗୁଫରାନ ଓ ମୌଲାନା ବଲିଉର ରହେମାନ କସମୀ ନମାଜ ନମାଜ ପାଠ କରାଇଥିଲେ। ସେହିପରି ଅଳକୁଣ୍ଡ ଇଦଗାହାରେ ହାଫିଜ ଓସିମ ରଜା ନମାଜ ପାଠ କରାଇଥିଲେ ଓ ଶାସନ୍ଦା ମସଜିଦରେ ମୌଲାନା ରାହାତ ଅଲ୍ଲୀ ଖାନ ନମାଜ ପାଠ କରାଇଥିଲେ। ସେହିପରି କଏଣା ମସଜିଦରେ ମୌଲାନା ମୁଫତି ଅବେଦୁଲ୍ଲା ନମାଜ ପାଠ କରାଇଥିଲେ। ନୂଆଗାଁରେ ଦୁଇଟି ଭିନ୍ନ ଗୋଷ୍ଠୀଙ୍କୁ ହାଫିଜ ଅଖତର ଅଲ୍ଲୀ ଓ ହାଫିଜ ଫଜଲେ ରହିମ ଅଲଗା ଅଲଗା ନମାଜ ପାଠ କରାଇଥିବାବେଳେ ନଥିପୁର ଗାଁରେ ମୁସଲମାନମାନେ ବିଭିନ୍ନ ସ୍ଥାନରେ ବାଣ୍ଟିହୋଇ ନମାଜ ପଢ଼ିଥିଲେ। ପର୍ବକୁ ଶାନ୍ତିଶୃଙ୍ଖଳାରେ ପାଳିବା ପାଇଁ ବିଞ୍ଝାରପୁର ଆଇଆଇସି ଅଂଶୁମାଳା ଦାସ ଓ ଅଳକୁଣ୍ଡ ଥାନାର ଭାରପ୍ରାପ୍ତ ଥାନଧିକାରୀ ପ୍ରଶାନ୍ତ କୁମାର ଦାଶଙ୍କ ପକ୍ଷରୁ ଶନିବାର ସନ୍ଧ୍ୟାରେ ସମସ୍ତ ଗ୍ରାମର ହିନ୍ଦୁ ମୁସଲମାନଙ୍କୁ ନେଇ ଶାନ୍ତି କମିଟି ଗଠନ କରିବା ସହ ଉଭୟ ପକ୍ଷଙ୍କୁ ନିବେଦନ କରିଥିଲେ।

**ବ୍ରହ୍ମବରଦା:** ଇସଲାମ ଧର୍ମର ପବିତ୍ର ପର୍ବ ତଥା ସେବା, ସମର୍ପଣ, ତ୍ୟାଗ ଓ ଭାଇଚାରାର ପ୍ରତୀକ ଇଦ୍-ଉଲ-ଜୁହା ବା ବକରିଦ ପର୍ବ ରସୁଲପୁର ବ୍ଲକ ଅଧୀନ ଅବିଭକ୍ତ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବହୁ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଏ ଅବସରରେ ଆଜି ସକାଳୁ ଗ୍ରାମର ସମସ୍ତ ଛୋଟରୁ ବଡ ମୁସଲମାନ ଭାଇମାନେ ନୂତନ ପୋଷାକ ପରିଧାନ କରି ବ୍ରହ୍ମବରଦା ପଞ୍ଚାୟତର ମୁଖ୍ୟ ପେଣ୍ଠସ୍ଥଳ ଇଦଗା ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରେ ଧର୍ମଗୁରୁ ମୌଲାନା ଅବଦୁଲ ବାରି ସମସ୍ତ ମୁସଲମାନ ଭାଇଙ୍କୁ ନମାଜ ପାଠ କରାଇଥିଲେ। ନମାଜ ପାଠ ସରିବା ପରେ ସମସ୍ତେ ଜଣେ ଆଉ ଜଣକୁ ଆଲିଙ୍ଗନ କରି ବକରିଦ ମୁବରକ ବା ଶୁଭେଚ୍ଛା ଜଣାଇଥିଲେ। ସେହିପରି ଆଜାଦ ନଗରସ୍ଥ ଜାମା ମସଜିଦ, ମଦିନା ବାଗସ୍ଥ ଜାମା ମସଜିଦ ଓ ଆରାମ ବାଗ ମସଜିଦ ପରିସରରେ ମଧ୍ୟ ଇଦ୍-ଉଲ-ଜୁହା ପର୍ବ ବହୁ ଆନନ୍ଦ ଉଲ୍ଲାସରେ ପାଳନ ସହ ସମୁହ ନମାଜ ପାଠ କରାଯାଇଥିଲା। ଏ ଅବସରରେ ୩୬ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଶ୍ରୀମତୀ ଭାରତୀ ବିଶ୍ୱାଳ, ଯୁବ ନେତା ରାକେଶ ଦେଓ ଉପସ୍ଥିତ ରହି ସମସ୍ତ ମୁସଲମାନ ଭାଇଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

